ବାରିପଦାରେ ଜବାବ ମାଗୁଛି ଓଡିଶା ବିଶାଳ ଜନସମାବେଶ

# ଓଡିଶାରେ ମହିଳାଙ୍କୁ ସୁରକ୍ଷା ଦେବାରେ ରାଜ୍ୟ ସରକାର ବିଫଳ : ନରେନ୍ଦ୍ର ମୋଦି

- **ନୂଆଭାରତ, ନୂଆ ଓଡିଶା ଗଠନ କରିବା ପାଇଁ ପ୍ରତ୍ୟେକ ବ୍ୟକ୍ତି ସଂକଳ୍ପ ନେବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ**
- **ଆୟୁଷ୍ମାନ ଯୋଜନାରୁ ଓଡିଆ ଲୋକମାନଙ୍କୁ ବଂଚିତ ନକରିବା ପାଇଁ ଆଜି ଆଉଥରେ ପୁଣି ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କଲେ ପ୍ରଧାନମନ୍ତ୍ରୀ**
- **ନାରୀ ସଶକ୍ତିକରଣର ଆରମ୍ଭ ବାରିପଦାରୁ ଆରମ୍ଭ ହୋଇଥିଲା । ଏଠି ମା ସୁଭଦ୍ରା ରଥକୁ ମହିଳା ମାନେ ଟାଣିବାର ପରମ୍ପରା ରହିଛି**
- **କଂଗ୍ରେସ ସରକାର ସମୟରେ ଭ୍ରଷ୍ଟାଚାର ଚରମ ସୀମାରେ ପହଁଚିଥିଲା । ହେଲିକାପ୍ଟର ଦୁର୍ନୀତିରେ ତତକାଳୀନ ପ୍ରଧାନମନ୍ତ୍ରୀଙ୍କ ସମେତ କଂଗ୍ରେସ ଦଳର ବଡବଡ ନେତାମାନେ ସମ୍ପୃକ୍ତି ଥିଲେ**

**ଭୁବନେଶ୍ୱର/ବାରିପଦା,ତା୦୫/୦୧:** ମହାପ୍ରଭୁ ଜଗନ୍ନାଥଙ୍କ ପବିତ୍ର ଭୂମିରେ ୭-୮ ବର୍ଷ ତଳେ ଜଣେ ଯୁବତୀ ପ୍ରତି ଘଟିଥିବା ବଳାତ୍କାର ଘଟଣାରେ ପୀଡିତାକୁ ନ୍ୟାୟ ମିଳିପାରିଲାନାହିଁ । ଏହି ମାମଲାର ସଠିକ ତଦନ୍ତ ହେବାର ଆବଶ୍ୟକ ରହିଛି । ଭାରତୀୟ ଜନତା ପାର୍ଟି ପକ୍ଷରୁ ଆୟୋଜିତ ୧୯ ବର୍ଷର ବିଜୁ ଜନତା ଦଳ ଶାସନ ବିରୋଧରେ ଜବାବ ମାଗୁଛି ଓଡିଶା ବିଶାଳ ଜନସମାବେଶରେ ଉଦବୋଧନ କହି ଏକଥା କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଏଥିସହ ନୂଆଭାରତ, ନୂଆ ଓଡିଶା ଗଠନ କରିବା ପାଇଁ ପ୍ରତ୍ୟେକ ବ୍ୟକ୍ତି ସଂକଳ୍ପ ନେବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ କରିଥିଲେ । ଆୟୁଷ୍ମାନ ଯୋଜନାରେ ଓଡିଶାକୁ ସାମିଲ କରି କେନ୍ଦ୍ର ସରକାର ପ୍ରତି ପରିବାର ପାଇଁ ଦେଉଥିବା ୫ ଲକ୍ଷ ଟଙ୍କାର ଆର୍ଥୀକ ସହାୟତାର ଲାଭରୁ ଓଡିଆ ଲୋକମାନଙ୍କୁ ବଂଚିତ ନକରିବା ପାଇଁ ଆଜି ଆଉଥରେ ପୁଣି ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ।

ଆଜି ବାରିପଦାରେ ଏହି ବିଶାଳ ଜନସଭାକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି କହିଛନ୍ତି ଯେ, ନାରୀ ସଶକ୍ତିକରଣର ଆରମ୍ଭ ବାରିପଦାରୁ ଆରମ୍ଭ ହୋଇଛି । ଏଠି ମା ସୁଭଦ୍ରା ରଥକୁ ମହିଳା ମାନେ ଟାଣିବାର ପରମ୍ପରା ରହିଛି । ଏ ଅବସରରେ ଏହି ମୟୁରଭଞ୍ଜର ମାଟିକୁ ସେ ପ୍ରଂଶସା କରିଥିଲେ । ହେଲେ ଓଡିଶାରେ ମହିଳା ଓ ନାବାଳିକାଙ୍କୁ ସୁରକ୍ଷା ଦେବାରେ ଏଠିକାର ସରକାର ବିଫଳ । ଅତ୍ୟାଚାର , ନିର୍ଯ୍ୟାତନା ବଢି ଚାଲିଛି । ଅନ୍ୟପକ୍ଷରଏ ମହିଳା ଓ ନାବାଳିକା ମାନଙ୍କ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଣୀତ ହେଉଥିବା ଯୋଜନା ଗୁଡିକରେ ରାଜ୍ୟରେ କାର୍ଯ୍ୟକାରୀ ହେବାରେ ପ୍ରତିବନ୍ଧକ ହୋଇଛନ୍ତି ଖୋଦ ରାଜ୍ୟ ସରକାର । ପ୍ରଧାନମନ୍ତ୍ରୀ ଉଦବେଗ ପ୍ରକାଶ କରି କହିଛନ୍ତି ସମାଜରେ ଏହିଭଳି ଘଟଣା ଘଟିଚାଲିଥିବା ବେଳେ ସରକାର ଏଥିରେ ପ୍ରତିବନ୍ଧକ ସାଜିବା ଦୁର୍ଭାଗ୍ୟର ବିଷୟ । ତେଣୁ କେନ୍ଦ୍ର ସରକାରଙ୍କ ଯୋଜନାକୁ ରାଜ୍ୟ ସରକାର କାର୍ଯ୍ୟକାରୀ କରନ୍ତୁ ଓ ଓଡିଶାର ମା ଉଉଣୀ ମାନଙ୍କୁ ଏଥିରୁ ବଂଚିତ କରନ୍ତୁ ନାହିଁ ।

ପ୍ରଧାନମନ୍ତ୍ରୀ ଆହୁରି କହିଲେ ଯେ, ଓଡିଶାର କୁପୋଷଣ ରହିଛି । ଗରିବ, ଦଳିତ, ବଂଚିତ, ପଛୁଆବର୍ଗର ପିଲାମାନଙ୍କ ସହ ଗର୍ଭବତୀ ମହିଳାଙ୍କ ରକ୍ଷା କରିବା ପାଇଁ ତାଙ୍କ ସରକାରଙ୍କ ସମୟରେ ଟୀକାକରଣ ପକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛି । ଏଥିପାଇଁ ମିଶନ୍ ଇନ୍ଦ୍ରଧନୁଷ କାର୍ଯ୍ୟକାରୀ କରାଯାଇଛି । ଓଡିଶାରେ ଏହାର ଲକ୍ଷ୍ୟ ୨୦୦୪ ରୁ ୧୪ ବିଗତ ୧୦ ବର୍ଷ ମଧ୍ୟରେ ୬୦ ପ୍ରତିଶତ ପହଁଚିପାରିନଥିଲା । ଏହି ଲକ୍ଷ୍ୟ ହାସଲ ପାଇଁ ଆଉ ଦୁଇ-ତିନି ଦଶକ ଲାଗିଥାନ୍ତା ସେ କାମ ମିଶନ ଇନ୍ଦ୍ରଧନୁଷ ପାଇଁ ତ୍ୱରାନ୍ୱିତ ହୋଇପାରିଛି । ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି ମହିଳା ସଶକ୍ତିକରଣ ଉପରେ କେନ୍ଦ୍ର ସରକାର ଗୁରୁତ୍ୱ ଦେଇଛନ୍ତି । ଏଥିପାଇଁ ନୌସେନା,

**(ପୃଷ୍ଠା-୧/୨)**

ବାୟୁସେନା ଓ ସ୍ଥଳସେନାର ମହିଳା ମାନଙ୍କୁ ସାମିଲ କରାଯାଉଛି । ଏ ଦିଗରେ ରାଜ୍ୟ ସରକାର ତାଙ୍କର କାମ କରିବା ଦରକାର । ପ୍ରତିରକ୍ଷା ମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ପ୍ରଂଶସା କରି ପ୍ରଧାନମନ୍ତ୍ରୀ ତାଙ୍କର ଦକ୍ଷତା ସାବାସି ଦେଇଛନ୍ତି ।

ପ୍ରଧାନମନ୍ତ୍ରୀ କଂଗ୍ରେସ ଉପରେ ବର୍ଷି କହିଥିଲେ ଯେ, କଂଗ୍ରେସ ସରକାର ସମୟରେ ଭ୍ରଷ୍ଟାଚାର ଚରମ ସୀମାରେ ପହଁଚିଥିଲା । ହେଲିକାପ୍ଟର ଦୁର୍ନୀତିରେ ତତକାଳୀନ ପ୍ରଧାନମନ୍ତ୍ରୀଙ୍କ ସମେତ କଂଗ୍ରେସ ଦଳର ବଡବଡ ନେତାମାନେ ସମ୍ପୃକ୍ତି ଥିଲେ । ଏହି ମାମଲାରେ ଦଲାଲ ମିଶେଲର ଏକ ଚିଠି ଖବର କାଗଜରେ ପ୍ରକାଶିତ ହୋଇଛି । ଏଥିରୁ ଜଣାପଡୁଛି ଯେ, କଂଗ୍ରେସର ତତକାଳୀନ ମନ୍ତ୍ରୀ ଓ ବଡବଡ ନେତାଙ୍କ ସହ ତାର ଘନିଷ୍ଠ ସମ୍ପର୍କ ଥିଲା । ପ୍ରଧାନମନ୍ତ୍ରୀଙ୍କ ଅଫିସର କେଉଁ ଫାଇଲ କେଉଁଠିକୁ ଯାଉଛି ତାର ଟିକିନିଖି ବିବରଣୀ ତା ପାଖରେ ରହୁଥିଲା । ସେତେବେଳେର ପ୍ରଧାନମନ୍ତ୍ରୀଙ୍କ ପାଖରେ ଯେତିକି ସୂଚନା ନଥିଲା ତାହା ଠାରୁ ଅଧିକ ସୂଚନା ଏହି ଦଲାଲ ପାଖରେ ରହୁଥିଲା । କ୍ୟାବିନେଟ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସୂଚନା ତାକୁ ମିଳୁଥିଲା । ଏହି ସୂଚନାକୁ ସେ ବିଦେଶ ପଠାଉଥିଲା । ମୁଁ ବୁଝି ପାରୁନାହିଁ ଯେ ସେତେବେଳର କଂଗ୍ରେସ ସରକାର ଚଳାଉଥିଲା ନା ମିଶେଲ ମାମାଙ୍କର ଦରବାର ଚଳାଉଥିଲା ବୋଲି ମୋଦି କହିଛନ୍ତି ।

ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି ଯେ, ଦେଶର ସ୍ୱାର୍ଥ ପରିବେର୍ତ୍ତ ଏହି ଦଲାଲ ମାନଙ୍କ ସ୍ୱାର୍ଥରେ ଯେଉଁମାନଙ୍କର ଭୂମିକା ରହିଛି ତାର ଯାଂଚ ଦେଶର ଏଜେନ୍ସି ମାନେ କରିବେ । କେନ୍ଦ୍ର ସରକାର ଦେଶର ସ୍ୱାର୍ଥକୁ ଆଖି ଆଗରେ ରଖି ଲଗାତର କଡା ନିଷ୍ପତି ଗ୍ରହଣ କରୁଛି । ସେ ସମବେତ ଜନତାଙ୍କୁ ପ୍ରଶ୍ନ କରିଥିଲେ ଯେ ଦେଶର ସୁରକ୍ଷା ପାଇଁ କଡା ନିଷ୍ପତି ଗ୍ରହଣ କରିବା ଉଚିତ କି ଉଚିତ ନୁହେଁ । ଯେଉଁମାନେ ସେନାବାହିନୀକୁ ଦୁର୍ବଳ କରିବାକୁ ଚେଷ୍ଟା କରୁଛନ୍ତି ସେମାନଙ୍କୁ କାଠଗଡାରେ ଛିଡା କରାଯିବ । ମୁଁ ଆପଣଙ୍କୁ ବିଶ୍ୱାସ ଦେଉଛି ଆଇନକୁ କାହାକୁ ଛାଡିବ ନାହିଁ ।

ପ୍ରଧାନମନ୍ତ୍ରୀ କହିଛନ୍ତିକି ବିରୋଧୀ ଦଳ ଗୁଡିକ ଚୌକିଦାରଙ୍କୁ ହଟାଇବା ପାଇଁ ଷଡଯନ୍ତ୍ର କରି ଚାଲିଛନ୍ତି । ଏପରିକି ତାସଲ୍ୟ କରିବାକୁ ମଧ୍ୟ ପଛାଉନାହାନ୍ତି । ଏଥିରେ ଚୌକିଦାର ଦବିଯିବାର ପ୍ରଶ୍ନ ଉଠୁନାହିଁ । ସବୁଠୁ ପୁରୁଣା ଦଳ କଂଗ୍ରେସ କହୁଛି ମୋଦି ଭାରତ ମାତାର ଜୟ ବୋଲି କହି ଲୋକଙ୍କୁ କାହିଁକି ବିଭାଜିତ କରୁଛି । ମଧ୍ୟପ୍ରଦେଶର ପୂର୍ଣ୍ଣ ବହୁମତର ସରକାର ଆସିନଥିଲେ ମଧ୍ୟ ସେଠିକାର ସରକାର ଆସୁଆସୁ ବନ୍ଦେ ମାତରମ୍ କୁ ବିବାଦ ମଧ୍ୟ ନେଇ ଆସିଛନ୍ତି । ଜରୁରୀକାଳୀନ ପରିସ୍ଥିତି ବିରୋଧରେ ଲଢେଇ ଲଢିଥିବା ସଂଗ୍ରାମୀ ମାନଙ୍କୁ ମିଳୁଥିବା ପେନସନକୁ ମଧ୍ୟ କଂଗ୍ରେସ ସରକାର ବନ୍ଦ କରିବାର ନିଷ୍ପତି ନେଇଛି । ତେବେ ବିଜେପିର ବିରୋଧ କାରଣରୁ କଂଗ୍ରେସ ସରକାରକୁ ବନ୍ଦେ ମାତାରମ ନିଷ୍ପତିକୁ ପ୍ରତ୍ୟାହାର କରିବାକୁ ପଡିଛି । ଆଗାମୀ ଦିନରେ ଜରୁରୀକାଳୀନ ସଂଗ୍ରାମୀ ମାନଙ୍କ ସମ୍ପର୍କିତ ନିଷ୍ପତିକୁ ମଧ୍ୟ ପ୍ରତ୍ୟାହାର କରିବାକୁ ପଡିବ ବୋଲି ପ୍ରଧାନମନ୍ତ୍ରୀ ଦୃଢୋକ୍ତି ପ୍ରକାଶ କରିଛନ୍ତି ।

ପ୍ରଥମେ ଓଡିଆରେ ନିଜର ଅଭିଭାଷଣ ଆରମ୍ଭ କରିଥିଲେ ପ୍ରଧାନମନ୍ତ୍ରୀ ମୋଦି । କହିଥିଲେ ଯେ, ଓଡିଶାର ସଂସ୍କୃତି ଅତି ସମୃଦ୍ଧ, ଏହାର ସଂରକ୍ଷଣ ଓ ବିକାଶ ପାଇଁ କେନ୍ଦ୍ର ସଂକଳ୍ପବଦ୍ଧ । ଓଡିଶାର ବିକାଶ ଉପରେ କେନ୍ଦ୍ର ସରକାର ଗୁରୁତ୍ୱ ଦେଇଛନ୍ତି । ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳବିହାରୀ ବୈଜପେୟୀ ଯେ କି ସାନ୍ତାଳୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଛେଦରେ ସାମିଲ କରିଥିଲେ ବୋଲି ସେ ଉଲେଖ କରିଥିଲେ । ଓଡିଶାକୁ ଦୁଇ ସପ୍ତାହ ମଧ୍ୟରେ ଦ୍ୱିତୀୟ ଥର ଆସିଥିବା ବେଳେ ଏଠିକାର ଜନସମୁଦ୍ର ସବୁ ରେକର୍ଡକୁ ଭାଙ୍ଗିଦେଇଛି ବୋଲି କହିଥିଲେ ପ୍ରଧାନମନ୍ତ୍ରୀ ।

**(ବିଜେପି ମିଡିଆ ସେଲ୍)**